# NATIONAL NEWS BULLETIN (ODIA)
## 15th September - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ବିହାରରେ ଆଜି ୩୬ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ପ୍ରତିରକ୍ଷା କ୍ରୟ ମାନୁଆଲ-୨୦୨୫କୁ ଅନୁମୋଦନ କଲେ ପ୍ରତିରକ୍ଷା ମନ୍ତ୍ରୀ ।
- କୋଲ୍‌କାତାର ବିଜୟଦୁର୍ଗଠାରେ କମାଣ୍ଡର ସ୍ତରୀୟ ଯୁଗ୍ମ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ପରିବେଶ ଓ ଜୈବ ବିବିଧତାର ସକାରାତ୍ମକ ପରିବର୍ତ୍ତନ କ୍ଷେତ୍ରରେ ଭାରତକୁ ମିଳିଛି ସଫଳତା ।

ଏବଂ

- ଏସିଆ କପ୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ପାକିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କଲା ଭାରତ ।

## ପି.ଏମ୍. - ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିହାରରେ ୩୬ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ । ବିହାରର ପୁରୁଣିଆ ଜିଲ୍ଲାରେ ଏହିସବୁ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ହେବ । ପ୍ରଧାନମନ୍ତ୍ରୀ ଏହି ଅବସରରେ ନୂତନ ଭାବେ ବିକଶିତ ଦକ୍ଷିଣ ବିହାରର ବିମାନ ବନ୍ଦର ଟର୍ମିନାଲ୍‌ର ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବିହାର ଗସ୍ତକାଳରେ ଶ୍ରୀ ମୋଦି ଜାତୀୟ ମଖାନା ବୋର୍ଡ଼ର ଉଦ୍‌ଘାଟନ କରିବେ । ଚଳିତ ବର୍ଷ କେନ୍ଦ୍ର ବଜେଟ୍‌ରେ ଏହି ବୋର୍ଡ଼ ସ୍ଥାପନ ନେଇ ଘୋଷଣା କରାଯାଇଥିଲା । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମଖାନା ଓ ବିହାର ମଧ୍ୟରେ ଦୃଢ଼ ସମ୍ପର୍କ ରହିଛି । ଜାତୀୟ ମଖାନା ବୋର୍ଡ଼ ଏହି କ୍ଷେତ୍ର ସହିତ ସମ୍ପର୍କିତ କୃଷକମାନଙ୍କପାଇଁ ଲାଭଦାୟକ ହେବ । ବିହାର ଗସ୍ତକାଳରେ ପ୍ରଧାନମନ୍ତ୍ରୀ ଏକ ଜନସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

# ଡିଫେନ୍ସ - ପ୍ରୋକ୍ୟୋରମେଣ୍ଟ ମାନୁଆଲ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ପ୍ରତିରକ୍ଷା କ୍ରୟ ମାନୁଆଲ୍-୨୦୨୫କୁ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ରାଜସ୍ୱ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇପାରିବ ଏବଂ ସରଳ ମାଧ୍ୟମରେ ଘରୋଇ ଶିଳ୍ପକୁ ସକ୍ଷମ କରାଯିବା ସହ ନବସୃଜନକୁ ପ୍ରୋତ୍ସାହନ ମିଳିପାରିବ । ଉଦ୍ୟୋଗଗୁଡ଼ିକୁ ସମର୍ଥନ ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରତିରକ୍ଷା କ୍ରୟ ମାନୁଆଲ୍‌ର ଆବଶ୍ୟକତା ରହିଥିବା କୁହାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଆଧୁନକ ଯୁଗରେ ସଶସ୍ତ୍ର ବାହିନୀର ବିଭିନ୍ନ ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ଏହି ମାନୁଆଲ୍ ଅତ୍ୟନ୍ତ ସହାୟକ ସାବ୍ୟସ୍ତ ହେବ । ସେନାର ୩ଟି ବାହିନୀ ମଧ୍ୟରେ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଏବଂ ତ୍ୱରିତ ନିଷ୍ପତ୍ତି ମାଧ୍ୟମରେ ସାମାରିକ ପ୍ରସ୍ତୁତି କ୍ଷେତ୍ରରେ ମଧ୍ୟ ଏହି ମାନୁଆଲ୍ ଯୋଗସୂତ୍ର ରକ୍ଷା କରିବ । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି କ୍ରୟ ମାନୁଆଲ୍‌ରେ ପ୍ରତିରକ୍ଷା ଉତ୍ପାଦନ, ପ୍ରଯୁକ୍ତି ବିଦ୍ୟା ଆତ୍ମନିର୍ଭରତା ଏବଂ ବ୍ୟବସାୟ କରିବାର ସହଜତାକୁ ଗୁରୁତ୍ୱ ଦିଆଯାଇଛି ।

ସୂଚନାଯୋଗ୍ୟ, ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ପ୍ରତିରକ୍ଷା ସେବା ଏବଂ ଅନ୍ୟାନ୍ୟ ସଙ୍ଗଠନଦ୍ୱାରା ସାମଗ୍ରୀ ଓ ସେବା କ୍ରୟ ଏହି ମାନୁଆଲଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ୨୦୦୯ରେ ଶେଷଥରପାଇଁ ପ୍ରତିରକ୍ଷା କ୍ରୟ ମାନୁଆଲ୍ ପ୍ରଣୟନ ହୋଇଥିଲା ।

# ପି.ଏମ୍. - କୋଲ୍‌କାତା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କୋଲ୍‌କାତାର ବିଜୟ ଦୁର୍ଗଠାରେ ଭାରତୀୟ ସେନା ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟାଳୟରେ କମାଣ୍ଡରସ୍ତରୀୟ ଯୁଗ୍ମ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ସମ୍ମିଳନୀ ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଗତକାଲି ପ୍ରଧାନମନ୍ତ୍ରୀ କୋଲ୍‌କାତାରେ ପହଞ୍ଚିବା ପରେ ରାଜଭବନରେ ରାତ୍ରିଯାପନ କରିଛନ୍ତି । ଏହି ସମ୍ମିଳନୀରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅଗ୍ରଗତି, ସେନାର ତିନି ବାହିନୀ ମଧ୍ୟରେ ସମନ୍ୱୟ ଏବଂ ଆଧୁନିକୀକରଣ ବିଷୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

# ମେଡିଆ କନ୍‌କ୍ଲେଭ୍ - ଗୋୟଲ୍

୨୦୪୭ ସୁଦ୍ଧା ଭାରତ ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଏକ ଘରୋଇ ଗଣମାଧ୍ୟମ ସଙ୍ଗଠନର ବାର୍ଷିକ

ସମ୍ମିଳନୀ ଅବସରରେ ଏକ ଆଲୋଚନା ଅଧିବେଶନରେ ଯୋଗଦେଇ ଶ୍ରୀ ଗୋୟଲ୍ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଥିବା ନେଇ ଉଲ୍ଲେଖ କରି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ୨୦୧୪ରେ ଦେଶର ନେତୃତ୍ୱ ଗ୍ରହଣ କରିବା ପରେ ମୂଲ୍ୟ ନିୟନ୍ତ୍ରଣ ସରକାରଙ୍କ ପ୍ରାଥମିକତା ରହିଥିଲା । ଦେଶର ଆର୍ଥିକ ଏବଂ ମୁଦ୍ରାନୀତି ଉପରେ ନିରନ୍ତର ଦୃଷ୍ଟି ରଖିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌କୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଶ୍ରୀ ଗୋୟଲ୍ କହିଛନ୍ତି । ଦେଶର ଏମ୍.ଏସ୍.ଏମ୍.ଇ. କ୍ଷେତ୍ରପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଶ୍ରୀ ଗୋୟଲ୍ ଏହି ଅବସରରେ ଆଲୋକପାତ କରିଛନ୍ତି । ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ଅନେକ ଆହ୍ୱାନର ସମାଧାନର ମାର୍ଗ ଉନ୍ମୁକ୍ତ କରିବା ସହ କର ପ୍ରଦାନ ବ୍ୟବସ୍ଥାକୁ ସରଳ କରିଛି ବୋଲି ସେ କହିଛନ୍ତି ।  ୨୦୧୭ରେ ଜି.ଏସ୍.ଟି. ପ୍ରଚଳନ ଦେଶରେ ସ୍ୱାଧୀନୋତ୍ତର ପରିସ୍ଥିତିର ସବୁଠାରୁ ବଡ଼ ପଦକ୍ଷେପ ଥିଲା ବୋଲି ଶ୍ରୀ ଗୋୟଲ କହିଛନ୍ତି ।

## ଏସ୍.ସି. – ୱାକଫ୍ ଅର୍ଡ଼ର

ୱାକଫ୍ ସଂଶୋଧନ ଆଇନ -୨୦୨୫ରେ ୱାକଫ୍ ସମ୍ପତ୍ତି ଘୋଷଣା ପ୍ରସଙ୍ଗରେ ଆଜି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେବେ । ୱାକଫ ସଂଶୋଧନ ଆଇନର ବୈଧତାକୁ ନେଇ ଆଗତ ମାମଲାଗୁଡ଼ିକର

ଶୁଣାଣି ସମୟରେ ଓ୍ୱାକଫ୍ ସମ୍ପତ୍ତିକୁ ନେଇ ସମସ୍ୟା ଉପୁଜିଥିଲା । ପ୍ରଧାନବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମାସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ମାର୍ଚ୍ଚ ମଇ ମାସରେ ଶୁଣାଣି ପରେ ନିର୍ଦ୍ଦେଶ ସଂରକ୍ଷିତ ରଖିଥିଲେ ।

# ସେବାପର୍ବ

ସେବା ଏବଂ ସୁଶାସନ ତଥା ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବାପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବର ଆସନ୍ତୁ ଜାଣିବା ପରିବେଶ ଏବଂ ଜୈବ ବିବିଧତାର ସକାରାତ୍ମକ ପରିବର୍ତ୍ତନ କ୍ଷେତ୍ରରେ ମୋଦି ସରକାରଙ୍କ ଭୂମିକା ସମ୍ପର୍କରେ :

ପ୍ରାଚୀନ ବୈଦିକ ଯୁଗରୁ ଆମକୁ କୁହାଯାଇଛି, ପୃଥିବୀ ଆମର ମାଆ ଏବଂ ଆମେ ତା'ର ସନ୍ତାନ । ଭାରତର ପରିବେଶଗତ ସମନ୍ୱୟ ଦିଗରେ ଯାତ୍ରା ଏହାକୁ ସତ କରିଛି । ଗତ ୧୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହି ପ୍ରାଚୀନ ମନୋଭାବକୁ ଦୃଢ଼ତାର ସହ ଅନୁପାଳନ କରାଯାଇ ଏହାର ବ୍ୟାବହାରିକ ଦିଗକୁ ସୁଦୃଢ଼ କରାଯାଇଛି ।

***Voice (PM-1) :..........***

ପ୍ରୋଜେକ୍ଟ ଟାଇଗରଠାରୁ ଆରମ୍ଭ କରି ପ୍ରୋଜେକ୍ଟ ଲାୟନ୍ ପର୍ଯ୍ୟନ୍ତ ବିଭିନ୍ନ ପ୍ରକଳ୍ପ ଜରିଆରେ ନିଶ୍ଚିହ୍ନପ୍ରାୟ ପ୍ରଜାତିର ପୁନରୁଦ୍ଧାର କ୍ଷେତ୍ରରେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରୋଜେକ୍ଟ ଚିତା ଅଧୀନରେ ଭାରତ ବିଶ୍ୱର ସର୍ବାଧିକ ଜଙ୍ଗଲୀ ବାଘଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ଇତିମଧ୍ୟରେ ଏସୀୟ ସିଂହ ସଂଖ୍ୟାରେ ୭୦ ପ୍ରତିଶତ ବୃଦ୍ଧି ପାଇ ୮୯୧ରେ ପହଞ୍ଚିଛି । ପ୍ରୋଜେକ୍ଟ ଚିତାରେ ଭାରତରେ ନୂତନ ଶାବକ ଜନ୍ମ ନେଇଛନ୍ତି । ଏ ସମ୍ପର୍କକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି :

***Voice (PM-2) :..........***

ପୃଥିବୀର ସର୍ବାଧିକ ଆର୍ଦ୍ରଭୂମି ଥିବା ଭାରତର ଏବେ ଏହାର ପୁନରୁଦ୍ଧାରପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ବର୍ତ୍ତମାନ ଦେଶରେ ୯୧ଟି ରାମସର ସ୍ଥଳ ରହିଛି, ଯାହା ଏସିଆ ମହାଦେଶର ଲକ୍ଷ ଲକ୍ଷ ପକ୍ଷୀଙ୍କୁ ପ୍ରକୃତିଗତ ପରିବେଶ ଯୋଗାଇ ଦେବାସହ  ପରିବେଶକୁ ସୁରକ୍ଷା ପ୍ରଦାନ କରୁଛି । ଏହାକୁ ଆହୁରି ଦୃଢ଼ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ 'ଏକ୍ ପେଡ୍ ମା କେ ନାମ' ଅଭିଯାନରେ ୧୪୨ କୋଟିରୁ ଅଧିକ ଚାରା ରୋପଣ କରାଯାଇଛି । ଦେଶରେ ଜଙ୍ଗଲ ପରିମାଣ ବୃଦ୍ଧି ପାଇବା ସହ ପ୍ରାକୃତିକ ଉପାୟରେ ଅଙ୍ଗାରକ ନିର୍ଗମନ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସ୍ୱଷ୍ଟ ନୀତି ଓ ଜନ ଭାଗିଦାରିତା ମାଧ୍ୟମରେ ସରକାର

ଦେଶବାସୀଙ୍କପାଇଁ ଏକ ସବୁଜ, ସୁସ୍ଥ ଏବଂ ଅଧିକ ସୁରକ୍ଷିତ ଭବିଷ୍ୟତ ନିର୍ମାଣ କରିବା ଲାଗି କାର୍ଯ୍ୟ କରୁଛନ୍ତି ।

## ପି.ଏମ୍. - ତ୍ରିପୁରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ ତାରିଖରେ ତ୍ରିପୁରା ଗସ୍ତ କରି ମାତା ତ୍ରିପୁରାସୁନ୍ଦରୀ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଉଦ୍‌ଘାଟନ କରିବେ । ତ୍ରିପୁରା ମୁଖ୍ୟମନ୍ତ୍ରୀ ପ୍ରଫେସର ଡକ୍ଟର ମାଣିକ ଶାହା ଏହି ବିଷୟ ଘୋଷଣା କରିଛନ୍ତି ।

ନୀଲମହଲ ଜଳଉତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଡକ୍ଟର ଶାହା କହିଛନ୍ତି, ରାଜ୍ୟ ସରକାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ଲାଗି ପ୍ରତିବଦ୍ଧ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫୧ଟି ଶକ୍ତିପୀଠର ପ୍ରତୀକାତ୍ମକ ଚିତ୍ର ଉନ୍ମୋଚନ କରିଥିଲେ ।

## ଜି.ଏସ୍.ଟି. - ରିଫର୍ମସ

ପରବର୍ତ୍ତୀ ପିଢ଼ିର ଜି.ଏସ୍.ଟି. ସଂସ୍କାର ପରେ ଦେଶର ସମସ୍ତ କ୍ଷେତ୍ରରେ ଉତ୍ସାହ ଦେଖାଦେଇଛି । ଛାତ୍ରଠାରୁ ଆରମ୍ଭ କରି ନିବେଶକ ପର୍ଯ୍ୟନ୍ତ ଏବଂ ଶ୍ରମିକଠାରୁ ଆରମ୍ଭ କରି ବୃହତ୍ ଶିଳ୍ପ ପର୍ଯ୍ୟନ୍ତ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜି.ଏସ୍.ଟି. ସଂସ୍କାରକୁ ସ୍ୱାଗତ କରୁଛନ୍ତି । ଗତମାସ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ଶ୍ରୀ ମୋଦି ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜି.ଏସ୍.ଟି. ସଂସ୍କାରସ୍ୱରୂପ ଉପହାର ସମ୍ପର୍କରେ ଘୋଷଣା କରିଥିଲେ । ଜି.ଏସ୍.ଟି. ପରିଷଦ ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବାସ୍ତବତାରେ ରୂପାନ୍ତର କରିଛି । ଜି.ଏସ୍.ଟି. ଟିକସ ହାର ପୂର୍ବରୁ ୫ ଥାକିଆ ଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ କେବଳ ୫ ଓ ୧୮ ପ୍ରତିଶତ ଅର୍ଥାତ୍ ୨ ଥାକିଆ କରାଯାଇଛି । ଫଳରେ ଦୈନନ୍ଦିନ ସାମଗ୍ରୀ ଉପରୁ ଟିକସ ହାର ବହୁ ପରିମାଣରେ ହ୍ରାସ ପାଇବା ଫଳରେ ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ ହେବ ବୋଲି କୁହାଯାଇଛି । ଜି.ଏସ୍.ଟି. ପରିଷଦ ଔଷଧ ଏବଂ ଚିକିତ୍ସା ଉପକରଣ ଉପରେ ମଧ୍ୟ ଜି.ଏସ୍.ଟି. ହ୍ରାସ କରିଛନ୍ତି । ଆୟୁର୍ବେଦ, ୟୁନାନୀ ଏବଂ ହୋମିଓପାଥି ଔଷଧ ଏବେ କମ୍ ମୂଲ୍ୟରେ ଉପଲବ୍ଧ ହେବ । ଚଳିତ ମାସ ୨୨ ତାରିଖରୁ ଲାଗୁ ହେବାକୁ ଥିବା ଜି.ଏସ୍.ଟି. ସଂସ୍କାର ଯୋଗୁଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଶର ନାଗରିକମାନେ ଲାଭାନ୍ୱିତ ହେବେ । ଅନେକଗୁଡ଼ିଏ ଔଷଧ ଉପରେ ଟିକସ ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବାବେଳେ ମେଡିକାଲ୍ ଉପକରଣ, ଦନ୍ତ ଏବଂ ପଶୁଚିକିତ୍ସା ସମ୍ପର୍କିତ ଔଷଧଗୁଡ଼ିକ ମୂଲ୍ୟରେ ୧୩

ପ୍ରତିଶତ ଟିକସ ହ୍ରାସ କରାଯାଇଛି । ଚିକିତ୍ସାରେ ବ୍ୟବହାର ହେଉଥିବା ଅକ୍ସିଜେନ କ୍ଷେତ୍ରରେ ମଧ୍ୟ ଜି.ଏସ୍.ଟି. ହାର ୭ ପ୍ରତିଶତ କମ୍ କରାଯାଇ ୫ ପ୍ରତିଶତକୁ ଅଣାଯାଇଛି ।

ଔଷଧ ଉପରେ ଜି.ଏସ୍.ଟି. ହ୍ରାସ ଡାକ୍ତରଖାନାଗୁଡ଼ିକ ଉପରେ ଚାପ ହ୍ରାସ କରିବ, ଯାହାଫଳରେ ସେମାନେ ନିମ୍ନ ଆୟବର୍ଗର ପରିବାରଗୁଡ଼ିକୁ ସୁବିଧାରେ ଚିକତ୍ସା ସେବା ଯୋଗାଇ ପାରିବେ । ଅନ୍ୟପକ୍ଷରେ ଚିକିତ୍ସା ଉପକରଣ ଶସ୍ତା ହେବା ଫଳରେ ସାଧାରଣ ଲୋକ ସ୍ୱାସ୍ଥ୍ୟକ୍ଷେତ୍ରର ସୁବିଧା ସୁଯୋଗ ସହଜରେ ହାସଲ କରିପାରିବେ ।

## ଏସିଆ କପ୍

ଏସିଆ କପ୍ ପୁରୁଷ କ୍ରିକେଟ୍‌ରେ ଗତକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଭାରତ ୭ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଛି । ଫଳରେ ଭାରତ ସୁପର ଫୋର୍ ପର୍ଯ୍ୟାୟର ନିକଟତର ହୋଇଛି । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୯ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଭାରତ ୨୫ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଅଭିଷେକ ଶର୍ମା ୧୩ଟି ବଲ୍‌ରେ ୩୧ ରନ୍ କରିଥିବାବେଳେ ସୂର୍ଯ୍ୟକୁମାର ଯାଦବ ୪୭

ରନ୍ କରି ଅପରାଜିତ ରହିଥିଲେ । ଖେଳ ଶେଷ ହେବାପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି, ଏହି ବିଜୟ ପହଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରବର୍ତ୍ତୀ ଅଭିଯାନରେ ଭାରତୀୟ ସେନାବାହିନୀର ଅଦମ୍ୟ ସାହସକୁ ସମର୍ପିତ । ସେ କହିଥିଲେ, ଭାରତୀୟ କ୍ରିକେଟ୍ ଦଳ ପୀଡ଼ିତଙ୍କ ପରିବାରବର୍ଗଙ୍କ ସହିତ ରହିଛି ।

*****